# NATIONAL NEWS BULLETIN (ODIA)

## 7 June - 2024

## Morning Bulletin : 7.15 a.m.

**************************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ରରେ ସରକାର ଗଠନ ପାଇଁ  ଆଜି ବସିବ ଏନ୍‌ଡିଏ ସଂସଦୀୟ ଦଳର ବୈଠକ ।

- ସଂସଦ ଭବନ ପରିସର ପ୍ରେରଣାସ୍ଥଳରେ  ରହିବ ସମସ୍ତ ସ୍ୱାଧୀନତା ସଂଗ୍ରାମୀ ଓ ମହାନ ନେତାଙ୍କ ପ୍ରତିମୂର୍ତ୍ତି ।

- ଚଳିତବର୍ଷ ନିଟ୍‌ ୟୁଜି ପରୀକ୍ଷାରେ କଟ୍‌ଅଫ୍‌ ମାର୍କ ବୃଦ୍ଧି  ନେଇ ଏନଟିଏର ସ୍ପଷ୍ଟୀକରଣ ।

- ପଶ୍ଚିମବଙ୍ଗରେ ନିର୍ବାଚନ ପରବର୍ତ୍ତୀ ହିଂସା ରୋକିବା ନିମନ୍ତେ କେନ୍ଦ୍ର ଓ ରାଜ୍ୟକୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ।

ଏବଂ

- ଆଇସିସି ଟି-୨୦ ପୁରୁଷ ବିଶ୍ୱକପ୍‌ରେ ନାମ୍ବିଆକୁ ୫ ୱିକେଟ୍‌ରେ ପରାସ୍ତ କଲା ସ୍କଟଲ୍ୟାଣ୍ଡ୍‌ ।

# ଏନ୍‌ଡିଏ ବୈଠକ

କେନ୍ଦ୍ରରେ ସରକାର ଗଠନ ପାଇଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ-ଏନ୍‌ଡିଏ ପ୍ରସ୍ତୁତ ହେଉଥିବା ବେଳେ ଆଜି ସଂସଦୀୟ ଦଳର ବୈଠକ ଅନୁଷ୍ଠିତ ହେବ । ବୈଠକରେ ବିଜେପି, ଟିଡିପି, ଜେଡିୟୁ, ଏଲ୍‌ଜେପି, ଶିବସେନା-ସିନ୍ଦେଗୋଷ୍ଠୀ, ଜେଡିଏସ୍ ଏବଂ ଏନ୍‌ଡିଏ ମେଣ୍ଟର ଅନ୍ୟାନ୍ୟ ସହଯୋଗୀ ଦଳର ନବନିର୍ବାଚିତ ସାଂସଦମାନେ ଯୋଗଦେବେ । ଗତକାଲି ବିଜେପି ଏବଂ ଜେଡିୟୁର ନେତାମାନେ ଅଲଗା ଅଲଗା ବୈଠକ କରିବା ପରେ ରାଜନୈତିକ ଗତିବିଧି ଚଳଚଞ୍ଚଳ ହୋଇଛି ।

ଏନଡିଏ ସରକାରର ଶପଥଗ୍ରହଣ ସମାରୋହ ପୂର୍ବରୁ ଆଲୋଚନା ଚାଲିଛି । ବିଜେପି ଅଧ୍ୟକ୍ଷ ଜେ.ପି.ନଡ୍ଡା ଏବଂ ଦଳର ବରିଷ୍ଠ ନେତା ରାଜନାଥ ସିଂଙ୍କୁ କ୍ୟାବିନେଟ୍ ଗଠନ ନେଇ ଏନଡିଏ ସହଯୋଗୀଙ୍କ ସହ ଆଲୋଚନା କରିବାକୁ ଦାୟିତ୍ୱ ଦିଆଯାଇଛି । ଶ୍ରୀ ନଡ୍ଡା ଗତକାଲି ଦଳର ବରିଷ୍ଠ ନେତା ଓ କେନ୍ଦ୍ରମନ୍ତ୍ରୀମାନଙ୍କ ସହ ଦୀର୍ଘସମୟ ଧରି ବୈଠକ କରିଥିଲେ । ଏଥିରେ କେନ୍ଦ୍ରମନ୍ତ୍ରୀ ଅମିତ ଶାହା, ରାଜନାଥ ସିଂହ, ପିୟୁଷ ଗୋୟଲ, ପ୍ରହ୍ଲାଦ ଯୋଶୀ, ମନସୁଖ ମାଣ୍ଡବ୍ୟ ଓ ଅଶ୍ୱିନୀ ବୈଷ୍ଣବଙ୍କ ସମେତ ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ୍ ଓ ବିନୋଦ ତାୱଡ଼େ ପ୍ରମୁଖ ଉପସ୍ଥିତ ଥିଲେ । ଆଜି ସକାଳେ ଜେଡିୟୁ ସଂସଦୀୟ ଦଳର ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ।

# ପ୍ରତିମୂର୍ତ୍ତି-ସଂସଦ ଭବନ

ଲୋକସଭା ସଚିବାଳୟ ସଂସଦ ଭବନ ପରିସରରେ ପ୍ରେରଣାସ୍ଥଳର ବିକାଶ କରୁଛି । ଏହି ପ୍ରେରଣାସ୍ଥଳରେ ଦେଶର ମହାନ ସ୍ୱାଧୀନତା ସଂଗ୍ରାମୀ ଏବଂ ନେତାମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉଛି । ପୂର୍ବରୁ ସଂସଦ ଭବନର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ସଂଗ୍ରାମୀ ଓ ନେତାମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିବା ବେଳେ ଏବେ ସମସ୍ତ ପ୍ରତିମୂର୍ତ୍ତି ଗୋଟିଏ ସ୍ଥାନରେ ରଖାଯାଉଛି । ଫଳରେ ସଂସଦ ପରିସରକୁ ଆସୁଥିବା ପର୍ଯ୍ୟଟକମାନେ ଗୋଟିଏ ସ୍ଥାନରେ ସହଜରେ ସମସ୍ତ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଦେଖିପାରିବେ, ଶ୍ରଦ୍ଧାସୁମନ ଅର୍ପଣ କରିପାରିବେ ଏବଂ ସେମାନଙ୍କ ଜୀବନ ଓ ଦର୍ଶନରୁ ପ୍ରେରଣା ପାଇପାରିବେ ।

ଏ ନେଇ ଲୋକସଭା ସଚିବାଳୟ ପକ୍ଷରୁ କୁହାଯାଇଛି ସ୍ୱାଧୀନତା ସଂଗ୍ରାମୀମାନଙ୍କ ଜୀବନୀ ଓ ଅବଦାନ ସଂପର୍କରେ ପର୍ଯ୍ୟଟକମାନଙ୍କୁ ବିସ୍ତୃତ ସୂଚନା ପ୍ରଦାନ ଲାଗି ଆଧୁନିକ ଜ୍ଞାନକୌଶଳର ବ୍ୟବହାର କରାଯାଉଛି ।

# ମତଦାନ ହାର

ଚଳିତ ସାଧାରଣ ନିର୍ବାଚନରେ ଦେଶରେ ୬୫ ଦଶମିକ ୭/୯ ପ୍ରତିଶତ ମତଦାନ ହୋଇଥିବା ନିର୍ବାଚନ ଆୟୋଗ ପକ୍ଷରୁ ସଦ୍ୟ ପ୍ରକାଶିତ

ରିପୋର୍ଟରେ କୁହାଯାଇଛି । ୭ଟି ପର୍ଯ୍ୟାୟରେ ହୋଇଥିବା ନିର୍ବାଚନରେ ଲକ୍ଷାଦ୍ୱୀପରେ ସର୍ବାଧିକ ୮୪ ଦଶମିକ ୧/୬ ପ୍ରତିଶତ ମତଦାନ ହୋଇଥିବା ବେଳେ ବିହାରରେ ସର୍ବନିମ୍ନ ୫୬ ଦଶମିକ ୧/୯ ପ୍ରତିଶତ ମତଦାନ ହୋଇଛି । ସେହିପରି ଲାକ୍ଷାଦ୍ୱୀପରେ ପୁରୁଷ ଓ ମହିଳା ମତଦାତାଙ୍କ ସଂଖ୍ୟା ସର୍ବାଧିକ ରହିଛି । ସେହିପରି ଅନ୍ୟାନ୍ୟ ବର୍ଗରେ ମେଘାଳୟରେ ଶତପ୍ରତିଶତ ମତଦାନ ହୋଇଛି । ସପ୍ତମ ତଥା ଶେଷ ପର୍ଯ୍ୟାୟରେ ଅନୁଷ୍ଠିତ ନିର୍ବାଚନରେ ସାମଗ୍ରିକ ଭାବେ ୬୩ ଦଶମିକ ୮/୮ ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି ।

## ହାଇକୋର୍ଟ-ବେଙ୍ଗଲ ଭାଓଲେନ୍ସ

ପଶ୍ଚିମବଙ୍ଗରେ ନିର୍ବାଚନ ପରବର୍ତ୍ତୀ ହିଂସା ରୋକିବା ନିମନ୍ତେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ମିଳିତ ଭାବେ କାର୍ଯ୍ୟ କରିବାକୁ କୋଲକାତା ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି । ବିଚାରପତି କୌଶିକ ଚନ୍ଦା ଏବଂ ଅପୂର୍ବ ସିହ୍ନା ରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି । ପଶ୍ଚିମବଙ୍ଗରେ ନିର୍ବାଚନ ପରବର୍ତ୍ତୀ ହିଂସାରେ ଏପର୍ଯ୍ୟନ୍ତ ୧୧ ଜଣ ଲୋକ ପ୍ରାଣ ହରାଇଛନ୍ତି । ଏହି ଘଟଣାରେ ସେଠାକାର ଏକ ଆଇନଜୀବୀ ସଂଘ ଉଚ୍ଚନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ଦାୟର କରିଥିଲା । କୋର୍ଟ କହିଛନ୍ତି

ଯଦି ରାଜ୍ୟ ପୋଲିସ୍ ହିଂସା ମୁକାବିଲା ଦିଗରେ ବିଫଳ ହୁଏ, ସେ କ୍ଷେତ୍ରରେ କେନ୍ଦ୍ରୀୟ ସୁରକ୍ଷା ସଂସ୍ଥା ହସ୍ତକ୍ଷେପ କରିପାରିବ ।

ତେବେ ପଶ୍ଚିମବଙ୍ଗ ସରକାର ନିର୍ବାଚନ ପରବର୍ତ୍ତୀ ହିଂସାକୁ ଖଣ୍ଡନ କରିଥିବା ବେଳେ ଉଚ୍ଚନ୍ୟାୟାଳୟ କହିଛନ୍ତି ଯଦି ରାଜ୍ୟ ସରକାର ହିଂସା ନିୟନ୍ତ୍ରଣ ନ କରିପାରନ୍ତି, ସେ କ୍ଷେତ୍ରରେ ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ରାଜ୍ୟରେ କେନ୍ଦ୍ରୀୟ ସୁରକ୍ଷାବଳ ମୁତୟନ ଲାଗି ନିର୍ଦ୍ଦେଶ ଦିଆଯିବାର ସମ୍ଭାବନା ରହିଛି ।

ଏହାଛଡ଼ା ପୋଲିସ୍ ମହାନିର୍ଦ୍ଦେଶକ ଇମେଲ୍ ଜରିଆରେ ଲୋକମାନଙ୍କଠାରୁ ଅଭିଯୋଗ ଗ୍ରହଣ କରିବା ଏବଂ ସେଗୁଡ଼ିକୁ ନିର୍ଦ୍ଦିଷ୍ଟ ଥାନାକୁ ତଦନ୍ତ ନିମନ୍ତେ ପଠାଇବା ଲାଗି ବ୍ୟବସ୍ଥା କରିବାକୁ ନ୍ୟାୟାଳୟ କହିଛନ୍ତି । ଲୋକମାନଙ୍କ ପକ୍ଷରୁ ଯେଉଁ ଏତଲା ଦାୟର ହେଉଛି, ସେଗୁଡ଼ିକୁ ୱେବ୍‌ସାଇଟ୍‌ରେ ପ୍ରକାଶ କରିବାକୁ ନ୍ୟାୟାଳୟ ପୋଲିସ୍ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ।

# ଏନ୍‌ଟିଏ

ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍‌ଟିଏ ଚଳିତବର୍ଷ ନିଟ୍ ୟୁଜି ପରୀକ୍ଷାରେ କଟ୍‌ଅଫ୍ ମାର୍କ ବୃଦ୍ଧି ପାଇବା ନେଇ ସ୍ପଷ୍ଟୀକରଣ ପ୍ରଦାନ କରିଛି । ସଂସ୍ଥା କହିଛି ଚଳିତବର୍ଷ ପରୀକ୍ଷାରେ ଭାଗ ନେଇଥିବା ଛାତ୍ରଛାତ୍ରୀମାନେ ଉଚ୍ଚମାନର ପ୍ରଦର୍ଶନ କରିଛନ୍ତି । ଏହି ପରୀକ୍ଷା ଫଳ ପ୍ରକାଶ ପାଇବା

ପରେ ଛାତ୍ରଛାତ୍ରୀମାନଙ୍କ କଟ୍‌ଅଫ୍ ମାର୍କକୁ ନେଇ ସନ୍ଦେହ ପ୍ରକାଶ ପାଇବା ପରେ ସଂସ୍ଥା ପକ୍ଷରୁ ଏହା କୁହାଯାଇଛି । ସଂସ୍ଥା କହିଛି **NCERT** ଦ୍ୱାରା ପାଠ୍ୟପୁସ୍ତକ ଗୁଡ଼ିକର ପୁରୁଣା ଏବଂ ନୂଆ ସଂସ୍କରଣ ମଧ୍ୟରେ ପ୍ରଭେଦ ଥିବାରୁ ବିଷୟ ବିଶେଷଜ୍ଞମାନେ ଗୋଟିଏ ବିକଳ୍ପ ବଦଳରେ ଦୁଇଟି ବିକଳ୍ପକୁ ଉତ୍ତର ଭାବରେ ଗ୍ରହଣ କରିଛନ୍ତି । ଏନ୍‌ଟିଏ କହିଛି ଯେଉଁ ୬୭ ଜଣ ଛାତ୍ରଛାତ୍ରୀଙ୍କୁ ଶତପ୍ରତିଶତ ମାର୍କ ମିଳିଛି, ସେମାନଙ୍କ ମଧ୍ୟରୁ ୪୪ ଜଣଙ୍କୁ ଭୌତିକ ବିଜ୍ଞାନରେ ଗୋଟିଏ ବିକଳ୍ପ ସଂଶୋଧନ ଲାଗି ୧ ମାର୍କ ମିଳିଛି । ଏ ନେଇ ଗଠିତ ଯାଞ୍ଚ କମିଟି ୨ଟି ବିକଳ୍ପ ସମସ୍ୟାର ସମାଧାନ କରି କହିଛି ଛାତ୍ରଛାତ୍ରୀମାନେ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଥିବା ବେଳେ ପ୍ରଶ୍ନର ଉତ୍ତର ଗୁଡ଼ିକ ଲାଗି ଅଧିକ ସମୟ ଖର୍ଚ୍ଚ କରିଛନ୍ତି । ଏହାକୁ ଦୃଷ୍ଟିରେ ରଖି ଏବଂ ସିସିଟିଭି ଫୁଟେଜ୍ ଆଧାରରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ଏନ୍‌ଟିଏ କହିଛି ।

## କଂଗ୍ରେସ-ବିଜେପି ଶେୟାର

କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧି ଗତ ୪ ତାରିଖରେ ଶେୟାର ମାର୍କେଟ ହ୍ରାସ ଘଟଣାର ସଂସଦୀୟ ଯୁଗ୍ମ କମିଟି ଦ୍ୱାରା ତଦନ୍ତ କରିବା ଲାଗି ଦାବି କରିଛନ୍ତି । କଂଗ୍ରେସ ମୁଖ୍ୟାଳୟରେ ଶ୍ରୀ ଗାନ୍ଧି କହିଛନ୍ତି ଶେୟାର ମାର୍କେଟ ହ୍ରାସ ଘଟଣାରେ ନିବେଶକମାନେ ୩୦ଲକ୍ଷ କୋଟିରୁ ଅଧିକ ଟଙ୍କା କ୍ଷତି ସହିଛନ୍ତି । ସେ ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କ ଶେୟାର

ମାର୍କେଟରେ ନିବେଶ କରିବା ସଂପର୍କିତ ବକ୍ତବ୍ୟକୁ ଏଥିପାଇଁ ଦାୟୀ କରିଛନ୍ତି ।

ଏହି ଅଭିଯୋଗକୁ ବିଜେପି ଖଣ୍ଡନ କରିଛି । ବରିଷ୍ଠ ବିଜେପି ନେତା ପିୟୁଷ ଗୋୟଲ କହିଛନ୍ତି ରାହୁଲ ଗାନ୍ଧି ନିବେଶକମାନଙ୍କୁ ହତୋତ୍ସାହିତ କରିବାକୁ ଚେଷ୍ଟା କରୁଛନ୍ତି । ସେ କହିଛନ୍ତି ନିର୍ବାଚନ ଫଳାଫଳ ପ୍ରକାଶନ ଦିନ ଲୋକମାନେ ଶେୟାର ମାର୍କେଟରୁ ଲାଭ ପାଇଛନ୍ତି । ବିଦେଶୀ ନିବେଶକମାନଙ୍କ ଶେୟାର ମାର୍କେଟରେ କ୍ଷତି ଘଟିଥିବା ବେଳେ ଭାରତୀୟ ନିବେଶକମାନେ ଲାଭ ପାଇଥିବା ସେ କହିଛନ୍ତି ।

## ସୁଦାନ- ଆକ୍ରମଣ

ସୁଦାନର ଏକ ଗାଁରେ ବିଦ୍ରୋହୀ ସେନା ଆକ୍ରମଣରେ ୧୫୦ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୦ରୁ ଅଧିକ ଆହତ ହୋଇଛନ୍ତି । ସ୍ଥାନୀୟ ଅଧିକାରୀ ଏବଂ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ ୪୦ରୁ ଅଧିକ ଅସ୍ତ୍ରଶସ୍ତ୍ର ବୋଝେଇ ଗାଡ଼ି ସେହି ଗାଁରେ ଆକ୍ରମଣ କରିଥିଲେ ଏବଂ ଗ୍ରାମବାସୀଙ୍କ ଉପରେ ଅସ୍ତ୍ରଶସ୍ତ୍ର ପ୍ରୟୋଗ କରିଥିଲେ । ୟୁନେସଫ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଆକ୍ରମଣରେ ୩୫ରୁ ଅଧିକ ଶିଶୁଙ୍କର ମୃତ୍ୟୁ ହେବା ସହ ୨୦ରୁ ଅଧିକ ଶିଶୁ ଗୁରୁତର ଆହତ ହୋଇଛନ୍ତି । ଏହି ଘଟଣାରେ ସୁଦାନର ସେନା ପରିଚାଳିତ ସରକାର ଆକ୍ରମଣକାରୀଙ୍କ କାର୍ଯ୍ୟକଳାପକୁ ଘୋର ନିନ୍ଦା କରିଛି । ସୁଦାନରେ ୨୦୨୩ ଏପ୍ରିଲ୍‌ରୁ ଆରମ୍ଭ ହୋଇଥିବା

ସଂଘର୍ଷରେ  ଏପର୍ଯ୍ୟନ୍ତ ୧୫ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଲାଣି ।

## ଶ୍ରୀଲଙ୍କା ଯୋଗ

ଶ୍ରୀଲଙ୍କାର କଲମ୍ବୋରେ ଭାରତୀୟ ଉଚ୍ଚାୟୁକ୍ତ ସନ୍ତୋଷ ଝା ଔପଚାରିକ ଭାବେ ଯୋଗ ମହୋତ୍ସବ ଉଦ୍‌ଘାଟନ କରିଛନ୍ତି । ଶ୍ରୀ ଝା କଲମ୍ବୋସ୍ଥିତ ସ୍ୱାମୀ ବିବେକାନନ୍ଦ ସାଂସ୍କୃତିକ କେନ୍ଦ୍ରରେ ଭାରତୀୟ ଉଚ୍ଚାୟୁକ୍ତ କାର୍ଯ୍ୟାଳୟର ଅଧିକାରୀମାନଙ୍କ ସହ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଆନ୍ତର୍ଜାତିକ ଯୋଗଦିବସ ପୂର୍ବରୁ ଆର୍ଟ ଅଫ୍ ଲିଭିଂ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଶ୍ରୀଲଙ୍କାର ବିଭିନ୍ନ ପ୍ରତିଷ୍ଠିତ ସ୍ଥାନ ଗୁଡ଼ିକରେ ଚଳିତମାସ ୧୩ରୁ ୨୨ ତାରିଖ ପର୍ଯ୍ୟନ୍ତ ଯୋଗ ମହୋତ୍ସବ ପାଳିତ ହେବ ।

## ବ୍ୟାଡମିଣ୍ଟନ

ଇଣ୍ଡୋନେସିଆ ଓପନ୍ ସୁପର୍ ୱାନ୍ ଥାଉଜେଣ୍ଡ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଲକ୍ଷ୍ୟ ସେନ୍ ପୁରୁଷ ସିଙ୍ଗିଲ୍‌ସ କ୍ୱାର୍ଟର ଫାଇନାଲ୍‌ରେ ପହଞ୍ଚିଛନ୍ତି । ପ୍ରି-କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ସେ ଜାପାନର କେନ୍ତା ନିଶିମୋତୋ ଙ୍କୁ ପରାସ୍ତ କରିଥିଲେ । ଅନ୍ୟପକ୍ଷରେ ପ୍ରିୟାଂଶୁ ରାଜାୱତ୍ ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ପରାସ୍ତ ହୋଇଛନ୍ତି । ମହିଳା ଡବଲ୍‌ସ ଏବଂ ମିକ୍ସଡ ଡବଲ୍‌ସରେ ଭାରତୀୟ ଖେଳାଳିମାନେ ପରାସ୍ତ ହୋଇଛନ୍ତି ।

ଫ୍ରେଞ୍ଚ ଓପନ୍ ଟେନିସ୍‌ରେ ରୋହନ ବୋପନ୍ନା ଏବଂ ଅଷ୍ଟ୍ରେଲିଆର ମାଥ୍ୟୁ ହେଡେନ୍‌ଙ୍କ ଯୋଡ଼ି ପୁରୁଷ ଡବଲ୍‌ସ ସେମିଫାଇନାଲ୍‌ରେ ପରାସ୍ତ ହୋଇଛନ୍ତି । ମହିଳା ସିଙ୍ଗିଲ୍‌ସରେ ପୋଲାଣ୍ଡର ଇଗା ସ୍ୱିୟାଟେକ୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଆଜି ପୁରୁଷ ସିଙ୍ଗିଲ୍‌ସ ସେମିଫାଇନାଲ୍ ମୁକାବିଲା ହେବ ।

## ଟି-୨୦

ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍‌ରେ ବାର୍ବାଡୋଜ୍‌ର ବ୍ରିଜ୍‌ଟାଉନ୍‌ସ୍ଥିତ କ୍ୟାସିଂଟନ୍ ଓଭାଲ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ସ୍କଟଲ୍ୟାଣ୍ଡ' ନାମିବିଆକୁ ୫ ଓ୍ୱିକେଟ୍‌ରେ ପରାସ୍ତ କରିଛି । ୧୫୬ ରନ୍‌ର ପିଛା କରି ସ୍କଟଲ୍ୟାଣ୍ଡ ୫ ଓ୍ୱିକେଟ୍ ଏବଂ ୯ଟି ବଲ୍ ବାକିଥାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ପ୍ରଥମେ ନାମିବିଆ ବ୍ୟାଟିଂ କରି ୨୦ ଓଭର୍‌ରେ ୯ଟି ଓ୍ୱିକେଟ୍ ହରାଇ ୧୫୫ ରନ୍ ସ୍କୋର କରିଥିଲା । ନାମିବିଆର ଅଧିନାୟକ ୩୧ଟି ବଲ୍‌ରେ ସର୍ବାଧିକ ୫୨ ରନ୍ କରିଥିବା ବେଳେ ସ୍କଟଲ୍ୟାଣ୍ଡର ରିଚି ଓ୍ୱେରିଂଟନ୍ ୩୫ଟି ବଲ୍‌ରେ ୪୭ ରନ୍ ସ୍କୋର୍ କରିଥିଲେ ।